# ବିସ୍ଥାପିତଙ୍କୁ ଭକୁଆ ବନେଇବାର ନିଖୁଣ ନକ୍ସା- ଓଡିଶା ବିସ୍ଥାପନ ନୀତି ୨୦୦୬

ଏବେ ନିକଟରେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ କେତେକ ସମ୍ବାଦପତ୍ରରେ ଏକ ଅଧିସୂଚନା ଜାରି କରିଛନ୍ତି ଯେ, ଜଗତସିଂପୁର ଜିଲ୍ଲାର କୁଜଙ୍ଗ ତହସିଲ୍ ଅଧୀନରେ ଥିବା ଉଦୟବଟ ମୌଜାର ମୋଟ ୭୧୪ ଏକର ୮୮ ଡିସିମିଲ୍ ଘରୋଇ ଜମିକୁ ଇଡ୍କୋ ମାଧ୍ୟମରେ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ଅଧିଗ୍ରହଣ କରାଯିବ, ଏବଂ ଏହି ଶିଳ୍ପାଞ୍ଚଳ ହାଇଗ୍ରେଡ୍ ପିଲେଟସ ଷ୍ଟିଲ୍ ପ୍ରୋଜେକ୍ଟ (ଇ.ଏସ୍.ଏସ୍.ଏ.ଆଇ.) ନାମକ ଏକ ଘରୋଇ ଉଦ୍ୟୋଗ ପାଇଁ ବିନିଯୋଗ କରାଯିବ । ଏଥିରେ ପୁଣି ଦର୍ଶାଯାଇଛି ଯେ, ଭୂ-ଅର୍ଜନ (ସଂଶୋଧିତ) ଆଇନ୍ ୧୮୯୪ର ଧାରା ୪(୧) ଅନୁଯାୟୀ ଏହି ଅଧିସୂଚନାଟି ଜାରି ହେଉଛି, ଅର୍ଥାତ୍ ଏହାପରେ ଯେ କୌଣସି ଦିନ ସଂପୃକ୍ତ ସରକାରୀ ଅଧିକାରୀମାନେ ସେ ଅଞ୍ଚଳରେ ପ୍ରବେଶ କରି ଅନୁସୂଚୀତ ଜମିକୁ ମାପଚୁପ୍ ଓ ଚିହ୍ନଟ କରିବା ତଥା ଦରକାର ପଡିଲେ ବାଡ ବୁଲେଇବା ଏବଂ ଖୋଳାଖୋଳି କରିବା ଇତ୍ୟାଦି ପଦକ୍ଷେପ ନେଇପାରିବେ, ଏବଂ ସଂପୃକ୍ତ ଜମିମାଲିକ କି ବାସିନ୍ଦାମାନେ ଆପତ୍ତି କରିପାରିବେ ନାହିଁ । ଏହାଛଡା, ଅଧିସୂଚନାରେ କୁହାଯାଇଛି ଯେ, 'ଓଡିଶା ପୁନର୍ବାସ ଓ ଥଇଥାନ ନୀତି ୨୦୦୬ର ସମସ୍ତ ସଂପୃକ୍ତ ବ୍ୟବସ୍ଥାଗୁଡିକ ଯଥାବିଧି ପାଳନ କରିବା ପାଇଁ ଉଭୟ ଜିଲ୍ଲା ପ୍ରଶାସନ ଓ ପ୍ରକଳ୍ପ ପ୍ରଶାସନ ଦାୟୀ ରହିବେ' । କିନ୍ତୁ ଏହି ଅଧିସୂଚନାରେ ଜିଲ୍ଲା ପ୍ରଶାସନର ଠିକଣା ଦିଆଯାଇଥିଲେ ହେଁ ପ୍ରକଳ୍ପ ପ୍ରଶାସନ, ଅର୍ଥାତ୍ ସଂପୃକ୍ତ କମ୍ପାନୀ, ଯାହାର ପ୍ରକଳ୍ପ ପାଇଁ ଏହି ଜମିସବୁ ଅଧିଗୃହୀତ ହେବାକୁ ଯାଇଛି, ତା'ର ଠିକଣା ଦିଆଯାଇନି, ପ୍ରକଳ୍ପ ସମ୍ବନ୍ଧରେ ବିସ୍ତାରିତ ସୂଚନା ଦୂରର କଥା । ଆଲୋଚନାକୁ ଆଗକୁ ବଢେଇବା ପୂର୍ବରୁ ଏ ଲେଖକ ମୂଳରୁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଏହି ନିର୍ଦ୍ଦିଷ୍ଟ ଅଧିସୂଚନାରେ ସୂଚିତ ଶିଳ୍ପ-ପ୍ରକଳ୍ପଟି ଆବଶ୍ୟକ କି ନୁହେଁ, ଅଥବା ସଂପୃକ୍ତ ଭୂ-ମାଲିକ ଓ ଗ୍ରାମବାସୀମାନେ ଏହି ଅଧିସୂଚନାକୁ କେମିତି ଗ୍ରହଣ କରିବେ, ତାହା ମୋଟେ ଏହି ପ୍ରବନ୍ଧର ପରିସରଭୁକ୍ତ ନୁହେଁ । ବରଂ ଏହି ଅଧିସୂଚନାକୁ ଏକ ନମୂନା ଭାବେ ଧରିନେଇ ରାଜ୍ୟସରକାରଙ୍କ ଦ୍ୱାରା ବହ୍ୱାଡମ୍ବରେ ଘୋଷିତ ହୋଇଥିବା ରାଜ୍ୟ ବିସ୍ଥାପନ ନୀତି-୨୦୦୬ **(http://orissagov.nic.in/revenue/index.htm)** ଆଗାମୀ ଦିନରେ କିପରି କାର୍ଯ୍ୟକାରୀ ହେବାକୁ ଯାଉଛି ଏବଂ ଅତୀତ ତୁଳନାରେ ଏହା ବିସ୍ଥାପିତ ପରିବାରମାନଙ୍କ ପାଇଁ କ'ଣ ସବୁ ଭଲମନ୍ଦ ବ୍ୟବସ୍ଥା ଖଞ୍ଜିଛି, ତାହାହିଁ ଜିଜ୍ଞାସା କରିବା ହେଉଛି ଏହି ପ୍ରବନ୍ଧର ମୂଳ ପ୍ରୟାସ ।

## ରାଜ୍ୟନୀତିର ଗୋଲକ ଧନ୍ଦା

ପାଠକେ ଜାଣିଥିବେ, ଭୂ-ଅର୍ଜନ ଆଇନ୍ ୧୮୯୪, ତଥା ପୁନର୍ବାସ ଓ ଥଇଥାନ ପାଇଁ ବର୍ତ୍ତମାନ ପ୍ରଚଳିତ ଥିବା ଜାତୀୟ ନୀତି-୨୦୦୩ କି ପ୍ରସ୍ତାବିତ ଜାତୀୟ ନୀତି-୨୦୦୬ରେ ବିସ୍ଥାପିତର ସ୍ୱାର୍ଥ ଓ ପ୍ରାପ୍ୟ ଦୃଷ୍ଟିରୁ ସମସ୍ତ ପ୍ରକଳ୍ପଗୁଡିକୁ ସମଦୃଷ୍ଟିରେ ଦେଖାଯାଇଥିବା ବେଳେ, କେବଳ ଓଡିଶା ନୀତି ହିଁ ସେଗୁଡିକୁ ୫ଟି ଶ୍ରେଣୀ ବା ଟାଇପ୍‌ରେ ବିଭକ୍ତ କରିଛି, ଯଥା, ଏ-ଶିଳ୍ପ, ବି- ଖଣି, ସି- ଜଳସେଚନ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ, ଡି- ସହରାଞ୍ଚଳ ଓ ରାସ୍ତା ଓ ରେଳପଥ ଭଳି ଦୈର୍ଘ୍ୟାକାର ପ୍ରକଳ୍ପ ଏବଂ ଇ- ଅନ୍ୟାନ୍ୟ ପ୍ରକଳ୍ପ (ଦ୍ରଷ୍ଟବ୍ୟ- ଧାରା ୫) । ସବୁ ଶ୍ରେଣୀର ପ୍ରକଳ୍ପ କ୍ଷେତ୍ରରେ ସରକାର ଗୋଟିଏ ଢଙ୍ଗରେ ଜମି ଅଧିଗ୍ରହଣ କରିବା ବ୍ୟବସ୍ଥା ରଖିଥିବା ବେଳେ ଗୋଟିଏ ଶ୍ରେଣୀର ବିସ୍ଥାପିତଙ୍କୁ ଅନ୍ୟ ଶ୍ରେଣୀଠାରୁ ଭିନ୍ନ ଦୃଷ୍ଟିରେ ଦେଖିବା କାହିଁକି ଜରୁରୀ ପଡିଲା, ତାହା ବୁଝିବା ମୁସ୍କିଲ୍ । ଏହି ଶ୍ରେଣୀବିଭକ୍ତି କାରଣରୁ ରାଜ୍ୟନୀତି ଯେ କେବଳ ଅଯଥା ଜଟିଳ ହୋଇପଡିଛି ତାହାନୁହେଁ, ସରକାର ଚାହିଁଲେ ଗୋଟିଏ ପ୍ରକଳ୍ପକୁ ମନମୁଖୀଭାବେ ସେହି ଶ୍ରେଣୀ ଅଧୀନରେ ଦେଖାଇପାରିବେ, ଯାହାକି ସରକାର ଏବଂ ସଂପୃକ୍ତ କମ୍ପାନୀକୁ ସୁହାଉଥିବ । ଉଦାହରଣ ସ୍ୱରୂପ, ସମସ୍ତେ ଜାଣନ୍ତି, ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପ କେବଳ ଇସ୍ପାତ ଶିଳ୍ପ ନୁହେଁ, ଖଣିଜ ଖନନ ଏବଂ ବନ୍ଦର ପ୍ରତିଷ୍ଠା ପାଇଁ ମଧ୍ୟ ଉଦ୍ଦିଷ୍ଟ । କିନ୍ତୁ ସରକାର ଏହାକୁ କାଗଜକଲମରେ କେବଳ ଶିଳ୍ପ ପ୍ରକଳ୍ପ ବୋଲି ଦର୍ଶାଉଛନ୍ତି । ପ୍ରତିଟି ଶ୍ରେଣୀର ପ୍ରକଳ୍ପ-ବିସ୍ଥାପିତଙ୍କୁ ଏହି ରାଜ୍ୟନୀତିରୁ କ'ଣ ମିଳିବ, ତହିଁର ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା କରିବା ଏଠାରେ ସମ୍ଭବ ନୁହେଁ; କେବଳ ଟାଇପ୍-ଏ ପ୍ରକଳ୍ପ, ଅର୍ଥାତ୍ ଶିଳ୍ପପ୍ରକଳ୍ପ (ଯଥା- ଲାଞ୍ଜିଗଡରେ ବେଦାନ୍ତ, ଏରସମାରେ ପୋସ୍କୋ, କାଶିପୁରରେ ଉତ୍କଳ ଆଲୁମିନା ଓ କଳିଙ୍ଗନଗରରେ ଟାଟା କମ୍ପାନୀ ଇତ୍ୟାଦି) କାରଣରୁ ବିସ୍ଥାପିତ ହେଉଥିବା ପରିବାରଙ୍କୁ କ'ଣ ମିଳିବ, ସେହି ମୌଳିକ ପ୍ରଶ୍ନ ଉପରେ ଜାଣିଶୁଣି ବର୍ତ୍ତମାନର ଆଲୋଚନାକୁ ସୀମିତ ରଖାଯାଉଛି ।

## 'ବିସ୍ଥାପିତ'ର ସଂକୀର୍ଣ୍ଣତମ ସଂଜ୍ଞା

ସାରା ପୃଥିବୀରେ ଏବଂ ଆମଦେଶର ଜାତୀୟ ସ୍ତରରେ ଏବଂ ଅନ୍ୟ ପ୍ରଦେଶମାନଙ୍କରେ ଦିନକୁ ଦିନ 'ବିସ୍ଥାପିତ ପରିବାର'ର ସଂଜ୍ଞାର ପରିସର ବଢିବଢି ଯାଉଥିଲା ବେଳେ, ଓଡିଶା ନୀତିରେ ଏହାକୁ କେବଳ 'ଘରଡିହ' ହରାଉଥିବା ପରିବାର ଭିତରେ ସଂକୁଚିତ କରି ଦିଆଯାଇଛି (ଦ୍ରଷ୍ଟବ୍ୟ- ଧାରା ୨-ଡି); ଅର୍ଥାତ୍ ଗୋଟିଏ ପରିବାର ଯେତେ ପରିମାଣର ଜମି ହରାଉଥାନ୍ତୁ ନା କାହିଁକି, ସେ ବିସ୍ଥାପିତ ବୋଲି ପରିଗଣିତ ହେବେନାହିଁ ଏବଂ ଏ ବାବଦରେ କୌଣସି କ୍ଷତିଭରଣା କି ଥଇଥାନ-ସହାୟତା ଆଇନତଃ ଦାବୀ କରିପାରିବେ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପଡୋଶୀ ପଶ୍ଚିମ ବଙ୍ଗଳାର ସିଙ୍ଗୁର ଠାରେ ପ୍ରସ୍ତାବିତ ଟାଟା କାର୍ ପ୍ରକଳ୍ପ ପାଇଁ ମୋଟ୍ ୯୯୭ ଏକର ୧୧ଡିସିମିଲ୍ ଜମି ଅଧିଗ୍ରହଣ କାରଣରୁ ବିସ୍ଥାପିତ ହେଉଥିବା ପରିବାରମାନଙ୍କୁ ସେଠିକାର ସରକାର ଏକ-ଫସଲି ଜମି ଏକର ପିଛା ୯ଲକ୍ଷ ଏବଂ ଦୋଫସଲି ଏକର ପିଛା ସାଢେ ତେରଲକ୍ଷ ଟଙ୍କା ତଥା ପଞ୍ଜିକୃତ ବର୍ଗାଦାର (ଭାଗଚାଷୀ) ମାନଙ୍କୁ ଉପରୋକ୍ତ ମୂଲ୍ୟହାରର ଏକ ଚତୁର୍ଥାଂଶ ଦେବାପାଇଁ ପ୍ରସ୍ତୁତ ଥାଇସୁଦ୍ଧା ସେଠିକାର ଲୋକେ ଆହୁରି ଅଧିକ ଦାବୀ କରୁଛନ୍ତି ଏବଂ ସେଥିପାଇଁ ସେଠାରେ ଆନ୍ଦୋଳନ ଚାଲୁରହିଛି । ଆନ୍ଦୋଳନ ଚାପରେ ସରକାର ଅଣପଂଜିକୃତ ଭାଗଚାଷୀମାନଙ୍କୁ ମଧ୍ୟ ପଂଜିକୃତଙ୍କ ସହ ସମାନ ହାରରେ କ୍ଷତିପୂରଣ ଦେବାକୁ ରାଜି ହୋଇସାରିଛନ୍ତି । କେବଳ ସେତିକି ନୁହେଁ ୭୦୦ ସ୍ଥାନୀୟ ଲୋକଙ୍କୁ ନିରାପତ୍ତା କର୍ମୀ ରୂପେ ଚାକିରୀ ମିଳି ସାରିଛି ଏବଂ ୨,୭୯୨ ଦିନମଜୁରିଆଙ୍କୁ ନିର୍ମାଣକାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ତଥା ସ୍ଥାନୀୟ ମହିଳାମାନେ କାରଖାନା କର୍ମଚାରୀମାନଙ୍କ ବେଶପୋଷାକ ଯୋଗାଇବେ ବୋଲି ବ୍ୟବସ୍ଥା ହୋଇସାରିଛି (ଦ୍ରଷ୍ଟବ୍ୟ- ୪ ଫେବୃଆରୀ ୨୦୦୭ ରବିବାର ଟାଇମସ୍ ଅଫ୍ ଇଣ୍ଡିଆ, ଭୁବନେଶ୍ୱର) । ସିଙ୍ଗୁରରେ ସେଠିକାର ସରକାର ବିସ୍ଥାପିତଙ୍କ ପ୍ରତି ନ୍ୟାୟ କି ଅନ୍ୟାୟ କରୁଛନ୍ତି, ତାହା ଏଠାରେ ଆଲୋଚନା କରିବା ସମୀଚୀନ ହେବନାହିଁ । ଓଡିଶାରେ ରହି ଆମାନଙ୍କର କେବଳ ଏତିକି ଲକ୍ଷ୍ୟ କରିବା କଥା ଯେ, ଏକ ପଡୋଶୀ ରାଜ୍ୟରେ ଯେତେବେଳେ କେବଳ ଜମିମାଲିକ ନୁହେଁ, ଭାଗଚାଷୀ, ଦିନମଜୁରିଆ ଓ ମହିଳା ଶ୍ରମିକମାନଙ୍କ ପାଇଁ ଏତେପ୍ରକାର ବ୍ୟବସ୍ଥା କରାଯାଇ ପାରୁଛି, ଓଡିଶା ନୀତିରେ ଏହିସବୁ କ୍ଷତିଗ୍ରସ୍ତ ଜନଗୋଷ୍ଠୀଙ୍କ ପାଇଁ ସୁନିର୍ଦ୍ଦିଷ୍ଟ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା ରଖାଯିବା ଦୂରେ ଥାଉ, ସେମାନଙ୍କ ଭିତରୁ କାହାକୁ 'ବିସ୍ଥାପିତ'ର ମାନ୍ୟତା ମଧ୍ୟ ଦିଆଯାଇନି । ଏହାର ମତଲବ୍ କ'ଣ ?

## ଭୂମିହୀନ ଓ ଗୃହହୀନଙ୍କ ପ୍ରତି ଦୋମୁହାଁ ନୀତି

ସମସ୍ତେ ଜାଣନ୍ତି, ଯେଉଁଠି ଏକ ପ୍ରକଳ୍ପ ପାଇଁ ବ୍ୟାପକ ଜମି ଅଧିଗ୍ରହଣ ହୋଇଥାଏ, ସେଠାରେ ବେଶ୍‌ସଂଖ୍ୟକ ଭୂମିହୀନ ଓ ଗୃହହୀନ ପରିବାର, ଯେଉଁମାନେ କି ଅନାବାଦୀ ଜମିକୁ ଦଖଲ କରି କୌଣସି ମତେ ଜୀବନ ଓ ଜୀବିକା ନିର୍ବାହ କରୁଥାନ୍ତି, ସେମାନେ ସବୁଠୁ ବେଶୀ ହଇରାଣରେ ପଡନ୍ତି, କାରଣ ବ୍ରିଟିଶ୍ ଅମଳରୁ ଚଳି

ଆସୁଥିବା ଭୂ-ଅର୍ଜନ ଆଇନ୍‌ରେ ସେମାନଙ୍କୁ କ୍ଷତିପୂରଣ ଦେବାର କୌଣସି ବ୍ୟବସ୍ଥା ନାହିଁ । କିନ୍ତୁ ଓଡିଶା ନୀତି ଭୂମିହୀନ ପରିବାରଙ୍କ ପ୍ରତି ଏପରି ଏକ ଦୋମୁହାଁ ନୀତି ଅବଲମ୍ବନ କରିଛି, ଯାହା ଫଳରେ ଗୋଟିଏ ପଟରେ ସେମାନଙ୍କର ସ୍ତୁତିଗାନ କରାଯାଇ ଅନ୍ୟପଟରେ ସେମାନେ ଯେପରି ଗବେ ଜମି କି ଗୋଟିଏ ପଇସା ପାଇବେନି, ତହିଁର ନିଖୁଣ ନକ୍‌ସା ପ୍ରସ୍ତୁତ କରାଯାଇଛି । ଧାରା-୯ରେ ସ୍ଥାନିତ ହୋଇଛି ଏକ ଲମ୍ବା ଓ ମନଲୋଭା ଶୀର୍ଷକ 'ଭୂମିହୀନ ଓ ଗୃହହୀନ ଜବରଦଖଲକାରୀ ପରିବାରମାନଙ୍କ ପାଇଁ ସୁବିଧାସୁଯୋଗ' । କିନ୍ତୁ ଏଥିରେ ଥିବା 'ଯଦି' ଓ 'କିନ୍ତୁ' ଗୁଡିକୁ କେହି ଅତିକ୍ରମ କରିପାରିଲେ ତ ? ପ୍ରାପ୍ୟ ପାଇବାର ପ୍ରଥମ ସର୍ତ୍ତ ହେଲା, ଯଦି ଜଣେ ଭୂମିହୀନ ବ୍ୟକ୍ତି ୧୦ବର୍ଷ ଧରି ସରକାରୀ ରେକର୍ଡ ଅନୁଯାୟୀ ଜବରଦଖଲରେ ଥିବେ । ଦ୍ୱିତୀୟତଃ, ଯଦି ସେ ଓଡିଶା ଜମି ଜବରଦଖଲ ପ୍ରତିଷେଧ ଆଇନ୍ ୧୯୭୨ ଅନୁଯାୟୀ ଜଣେ ଜବରଦଖଲକାରୀ ଭାବେ ବିବେଚିତ ହେଉଥିବେ । ତୃତୀୟତଃ, ଯଦି ତାଙ୍କର ଜବରଦଖଲ 'ଆପତ୍ତିଜନକ' ହୋଇନଥିବ । ଚତୁର୍ଥତଃ, ତାଙ୍କ ନାଁରେ ଅନ୍ୟ କୌଣସି ସ୍ଥାନରେ କିଛି ଜମି ନଥିବ । ଯଦି ଏହିସବୁ ସର୍ତ୍ତ ଜଣେ ଜବରଦଖଲକାରୀ ପୂରଣ କରୁଥିବେ, ତେବେ ତାଙ୍କୁ ଚାଷଜମି ବାବଦରେ ସର୍ବୋଚ୍ଚ ୧ ଏକର ଏବଂ ଘରଡିହ ବାବଦରେ ଗ୍ରାମାଞ୍ଚଳରେ ୧୦ଡିସିମିଲ୍ ଏବଂ ସହରାଞ୍ଚଳରେ ୪ଡିସିମିଲ୍ ଜମି ମିଳିପାରେ । ଇଏ ହେଉଛି ଠିକ୍, ହାତରେ ନମାରି ଭାତରେ ମାରବା ନୀତି । ଯେଉଁ ପ୍ରଶାସକ ଓ ରାଜନେତାମାନେ ମିଶି ଏହି ନୀତି ତିଆରି କରିଛନ୍ତି, ସେମାନେ କ'ଣ ଜାଣିନାହାନ୍ତି, କୌଣସି ନିସ୍ୱ ଓ ବାସ୍ତୁହରା ଲୋକ ଏଭଳି ଆକାଶଛୁଆଁ ସର୍ତ୍ତକୁ ପାଳନ କରିବା ଅସମ୍ଭବ !

**'ନିଯୁକ୍ତି' ପ୍ରହେଳିକା**

ଧାରା ୮(୧ଏ)ରେ ଶୀର୍ଷକ 'ନିଯୁକ୍ତି' ଅଧୀନରେ ଯାହାସବୁ କୁହାଯାଇଛି, ସେଥିରେ ଏଭଳି ସବୁ କେଁ ଅଛି, ଯାହାକୁ ଭେଦ କରିବା ଅତ୍ୟନ୍ତ ଜଟିଳ । ପ୍ରଥମତଃ, ଧାରା ୨(ଏଫ)ରେ 'ପରିବାର'ର ଯେଉଁ ତଥାକଥିତ ପରିବର୍ଦ୍ଧିତ ସଂଜ୍ଞା ଦିଆଯାଇଛି, ଅର୍ଥାତ୍ ଗୋଟିଏ ଏକାନ୍ନ ପରିବାର ଭିତରେ ଥାଇସୁଦ୍ଧା ସାବାଳକ ପୁଅ, ୩୦ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ଝିଅ, ଭିନ୍ନକ୍ଷମ ବ୍ୟକ୍ତି, ବିଧବା କିମ୍ବା ଛାଡପତ୍ର ପାଇଥିବା ମହିଳାଙ୍କୁ ଥଇଥାନ ବ୍ୟାପାରରେ ଅଲଗାଅଲଗା ପରିବାରର ମାନ୍ୟତା ଦିଆଯିବ, ତାହା କିନ୍ତୁ ନିଯୁକ୍ତି କ୍ଷେତ୍ରରେ ଲାଗୁ ହେବ ନାହିଁ । କେବଳ ମୂଳ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିପାରେ । ଦ୍ୱିତୀୟତଃ, ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ଯିଏ ଯୋଗ୍ୟ ବୋଲି ବିବେଚିତ ହେବେ, ତାଙ୍କୁ ନିଯୁକ୍ତି ମିଳିପାରେ । ତୃତୀୟତଃ, କୌଣସି ନା କୌଣସି ଲିଖିତ କାରଣ ଦର୍ଶେଇ ପ୍ରକଳ୍ପ କର୍ତ୍ତୃପକ୍ଷ ନିଯୁକ୍ତି ମୋଟେ ନଦେଇ ପାରନ୍ତି । ଚତୁର୍ଥତଃ, ଯଦି ନିଯୁକ୍ତି ନଦିଆ ଯାଏ, ତେବେ ଜମି ଓ ଘରଡିହ ହରାଉଥିବା ପରିବାରମାନଙ୍କୁ ୫ ଭାଗରେ ବିଭକ୍ତ କରି ପ୍ରତି ପରିବାରକୁ ନିଯୁକ୍ତି ବାବଦରେ ଭିନ୍ନଭିନ୍ନ ପରିମାଣର ଏକକାଳୀନ ଅର୍ଥରାଶି ଦେବାର ବ୍ୟବସ୍ଥା କରାଯାଇଛି । ଯଥା- ଘରଡିହ ଓ ସମୁଦାୟ ଚାଷଜମି ହରାଉଥିଲେ ୫ଲକ୍ଷ, ଘରଡିହ ଓ ଦୁଇତୃତୀୟାଂଶ ଚାଷଜମି ହରାଉଥିଲେ ୩ଲକ୍ଷ, ଘରଡିହ ଓ ଏକତୃତୀୟାଂଶ ଚାଷଜମି ହରାଉଥିଲେ ୨ଲକ୍ଷ, ଏବଂ କେବଳ ଘରଡିହ ହରାଉଥିଲେ ୧ ଲକ୍ଷ ଏବଂ କେବଳ ଚାଷଜମି ହରାଉଥିଲେ ୧ଲକ୍ଷ ଟଙ୍କା ମିଳିବ । ଏପ୍ରକାର ଅଜବ ବ୍ୟବସ୍ଥା ଦ୍ୱରା ସାରା ପୃଥିବୀରେ ତଥା ଆମଦେଶରେ ଅଦ୍ୟାବଧି ଅନୁସୃତ ହୋଇଆସୁଥିବା ଜମି ଓ ଘରଡିହର ପରିମାଣ ଅନୁଯାୟୀ ଆନୁପାତିକ କ୍ଷତିଭରଣା ବ୍ୟବସ୍ଥାକୁ ପୁରାପୁରି ଜଳାଞ୍ଜଳି ଦିଆଯାଇଛି । ନୂତନ ନୀତି ଅନୁଯାୟୀ, ଜଣେ ବ୍ୟକ୍ତି ଯଦି ଘରଡିହ ହରାଉନଥାନ୍ତି, ଅଥଚ ୧୦ଏକର ଚାଷଜମି ହରାଉଥାନ୍ତି, ସେ ପାଇବେ ୧ଲକ୍ଷ ଟଙ୍କା, ସେହିପରି ଆଉଜଣେ ବ୍ୟକ୍ତି ଯଦି ଚାଷଜମି ନହରେଇ କେବଳ ଘରଡିହ (ତାହା ଯେତେ କମ୍ କି ବେଶୀ ହୋଇଥାଉନା କାହିଁକି) ହରାଉଥାନ୍ତି, ତେବେ ସେ ମଧ୍ୟ ପାଇବେ ୧ଲକ୍ଷ ଟଙ୍କା । ପଞ୍ଚମତଃ, ନିଯୁକ୍ତି ବଦଳରେ ଏହି ଅର୍ଥରାଶିକୁ ପ୍ରକଳ୍ପ କର୍ତ୍ତୃପକ୍ଷ ଅର୍ଥାତ୍ ସଂପୃକ୍ତ କମ୍ପାନୀ ଦେବେ ବୋଲି କୁହାଯାଇଛି, କିନ୍ତୁ କେବେ ଦେବେ ଏବଂ ଯଦି ନଦିଅନ୍ତି, ବିସ୍ଥାପିତ ଲୋକେ କ'ଣ କରିବେ, ସେବିଷୟରେ କୌଣସି ସୂଚନା ଦିଆଯାଇନି ।

**ସରକାର ଓ କମ୍ପାନୀ ଭିତରେ ମଧୁଚନ୍ଦ୍ରିକା**

ଇଂରେଜମାନେ ଆମଦେଶରେ ଜମିଅଧିଗ୍ରହଣ ଆଇନ୍ ଚାଲୁ କରିବା ଠାରୁ ଏଯାବତ୍ ପ୍ରତି ସରକାର କମ୍ପାନୀର ସ୍ୱାର୍ଥକୁ ଜନସ୍ୱାର୍ଥ ବୋଲି କହି ସାଧାରଣ ଲୋକଙ୍କ ଠାରୁ ଶାଗମାଛ ଦାମ୍‌ରେ ଜମି ଅଧିଗ୍ରହଣ କରିଥାନ୍ତି, ଏବଂ ପରେ ସଂପୃକ୍ତ କମ୍ପାନୀକୁ ବହୁଗୁଣିତ ଚଢା ଦର୍‌ରେ ବିକ୍ରୀ କରିଥାନ୍ତି । ଲୋକଙ୍କ ଠାରୁ କିଣାଦାମ୍ ଓ କମ୍ପାନୀକୁ ବିକ୍ର ଦାମ୍ ଭିତରେ ଥିବା ବିଶାଳ ଉଦ୍‌ବୃତ୍ତ ଅର୍ଥରାଶି କେତେ ଓ କେଉଁମାନଙ୍କ ପକେଟ୍‌କୁ ଯାଏ, ତାହା ଜାଣିବାର  ଉପାୟ ନାହିଁ ଏବଂ ସରକାରଙ୍କ ଏହି ଦଲାଲ୍ ଭୂମିକାହିଁ ବିସ୍ଥାପିତମାନଙ୍କୁ କ୍ରୋଧାନ୍ୱିତ କରିଥାଏ । ଏହାହିଁ କଳିଙ୍ଗ ନଗର ବିଭୀଷିକା ପଛରେ ଅନ୍ୟତମ ବଳିଷ୍ଠ କାରଣ ଥିଲା । ବର୍ତ୍ତମାନର ରାଜ୍ୟ ବିସ୍ଥାପନ ନୀତିର ଧାରା ୬ରେ କୁହାଯାଇଛି ଯେ, ଗୋଟିଏ କମ୍ପାନୀ ଲୋକଙ୍କ ସହ ସିଧାଳଖି ମୂଲଚାଲ କରି ଜମି କିଣିପାରନ୍ତି । କିନ୍ତୁ ପୁଣି ସେଥିରେ କୁହାଯାଇଛି, ଯଦି କମ୍ପାନୀ ଏଥିରେ ବିଫଳ ହୁଅନ୍ତି, ତେବେ ସରକାର ଆବଶ୍ୟକ ଜମିକୁ ଅଧିଗ୍ରହଣ କରି କମ୍ପାନୀକୁ ହସ୍ତାନ୍ତର କରିବେ । କିନ୍ତୁ ଲୋକଙ୍କ ଠାରୁ କେଉଁ ଦରରେ ସରକାର କିଣିବେ ଓ କମ୍ପାନୀଙ୍କୁ କେଉଁ ଦରରେ ବିକ୍ରୀ କରିବେ, ସେବିଷୟରେ ରାଜ୍ୟ ନୀତି ନୀରବ, ଯଦିଓ ଜମିଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ବିସ୍ଥାପିତଙ୍କ ଭାଗିଦାରିତା ଭଳି ମନମତାଣିଆ ପରିଭାଷାରେ ଏହାର ପ୍ରାକ୍‌କଥନ ଭରପୂର । ଦୃଷ୍ଟାନ୍ତ ସ୍ୱରୂପ, ପୋସ୍କୋ ଚୁକ୍ତିନାମାରେ ରାଜ୍ୟ ସରକାର କେତେ ଜମି କମ୍ପାନୀକୁ ଯୋଗାଇଦେବେ ତାହା ସ୍ପଷ୍ଟଭାବେ ଲେଖାଯାଇଛି, କିନ୍ତୁ ପୋସ୍କୋ କମ୍ପାନୀ ଜମି ବାବଦରେ କେତେ ଟଙ୍କା ସରକାରଙ୍କୁ ଦେବେ, ତହିଁର ପରିମାଣ ସୂଚିତ ହୋଇନାହିଁ । ବାସ୍ତବରେ ଦେଖିବାକୁ ଗଲେ, ଇଂରେଜ ଅମଳରୁ ବର୍ତ୍ତମାନ ଯାଏଁ କମ୍ପାନୀ ଓ ସରକାର ମଧ୍ୟରେ ସର୍ବସାଧାରଣଙ୍କ ଜମିକୁ ନେଇ ଯେଉଁ ମୂଲଚାଲ୍ ହୋଇଆସୁଛି, ତାକୁ ସଂଗୁପ୍ତ ରଖିବା ହିଁ ଉଭୟ କମ୍ପାନୀ ଓ ସରକାରଙ୍କର ଏକ ଟ୍ରେଡ୍ ସିକ୍ରେଟ୍, କାରଣ ସେଥିରେ ଉଭୟ ପକ୍ଷର ନିଟ୍ ମୁନାଫା ନିହିତ ଅଛି । ଗୋଟିଏ ପଟରେ କମ୍ପାନୀମାନେ ସରକାରଙ୍କୁ ଧରି ଜମିର ଅସଲ ମୂଲ୍ୟ ତୁଳନାରେ ବହୁତ ଶସ୍ତାରେ ଜମି ପାଇଯାଆନ୍ତି ଏବଂ ଅନ୍ୟ ପଟରେ ଅର୍ଥଖୋର ସରକାରୀ ଲୋକେ କମ୍ପାନୀଠାରୁ ଜମି ବାବଦରେ ଯେତିକି ଅର୍ଥରାଶି ଆଦାୟ କରିଥାନ୍ତି, ସେଥିରୁ କେବଳ ଉଚ୍ଛିଷ୍ଟାଂଶକୁ ଜମିମାଲିକମାନଙ୍କୁ ଦେଇ ବାକୀ ସିଂହଭାଗକୁ ନିଜେ ହଡପ କରିଥାନ୍ତି । ଅବଶ୍ୟ ସେବେଳ ଏବଂ ଏବେଳ ଭିତରେ ଗୋଟିଏ ଫରକ୍ ଅଛି, ଇଂରେଜମାନେ ଏସବୁ ବ୍ୟାପାରକୁ ଗୋପନୀୟ ରଖିବା ସପକ୍ଷରେ ଆଇନ୍ କରିଥିଲେ, କିନ୍ତୁ ବର୍ତ୍ତମାନ ଆମ ସରକାର ସ୍ୱଚ୍ଛତାର ଦ୍ୱାହି ଦେଇ ସେହି ପୁରୁଣା କଳାଧନ୍ଦାକୁ ବଜାୟ ରଖି ଚାଲିଛନ୍ତି ।

**ଲାଠିଗୁଳିର ଶାସନ, ଯଥା ପୂର୍ବଂ ତଥା ପରଂ**

ଓଡିଶା ବିସ୍ଥାପନ ନୀତି-୨୦୦୬ର ଛତ୍ରେଛତ୍ରେ ସ୍ୱବିରୋଧିତା ଭରିରହିଛି । ଉଦାହରଣ ସ୍ୱରୂପ, ଧାରା ୨(ବି)ରେ କ୍ଷତିପୂରଣର ସଂଜ୍ଞା ଦିଆଯାଇ କୁହାଯାଇଛି ଯେ, ଏହା ଭୂ-ଅର୍ଜନ ଆଇନ୍ ୧୮୯୪ ଅନୁଯାୟୀ ନିର୍ଦ୍ଧାରିତ ହେବ, ଅର୍ଥାତ୍ ଜଣେ ବିସ୍ଥାପିତ ପରିବାର କ୍ଷତିପୂରଣରେ ଅସନ୍ତୁଷ୍ଟ ହେଲେ ସଂପୃକ୍ତ ନ୍ୟାୟାଳୟର ଆଶ୍ରୟ ନେଇପାରିବ । କିନ୍ତୁ ଧାରା ୬ରେ ଠିକ୍ ଏହାର ବିପରୀତ କଥା କୁହାଯାଇଛି, ଅର୍ଥାତ୍ ଜମିଅଧିଗ୍ରହଣ ଠାରୁ ଆରମ୍ଭ କରି କ୍ଷତିପୂରଣ ପର୍ଯ୍ୟନ୍ତ ପ୍ରତିଟି ପ୍ରକ୍ରିୟା ସରକାରଙ୍କ ଦ୍ୱାରା ସମୟାନ୍ତରରେ ନିଆ ଯାଉଥିବା ନିଷ୍ପତ୍ତି ଦ୍ୱାରା ପରିଚାଳିତ ହେବ । ପୁଣି ମଜାର କଥା ହେଉଛି, ଧାରା ୨(ଜି) ଅନୁଯାୟୀ, ସରକାର ବୋଇଲେ ରାଜ୍ୟସରକାରଙ୍କ ରାଜସ୍ୱ ବିଭାଗ, ଯେଉଁ ବିଭାଗର କର୍ମଚାରୀମାନେ ହିଁ କମ୍ପାନୀ ସ୍ୱାର୍ଥରେ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରିଥାନ୍ତି, ଲୋକ ଏବଂ କମ୍ପାନୀ

ଭିତରେ ଦଲାଲି କରିଥାନ୍ତି ଓ ଉଦ୍‌ବୃତ୍ତ ଅର୍ଥରାଶିକୁ ନିଜେ ହଡପ୍ କରିଥାନ୍ତି । ସୁତରାଂ ସେମାନେ ବର୍ତ୍ତମାନ ଏହି ନୀତି ବଳରେ ସର୍ବେସର୍ବା ସାଜି ଯେନତେନ ପ୍ରକାରେଣ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରିବା ସକାଶେ ସ୍ୱେଚ୍ଛାଚାରୀ ଢଙ୍ଗରେ ଅଧିକରୁ ଅଧିକ ଲାଠିଗୁଳିର ଆଶ୍ରୟ ନେବେ, ଏଥିରେ ସନ୍ଦେହର ଅବକାଶ ଅଛି କି ? ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରସ୍ତାବିତ ଜାତୀୟ ନୀତି-୨୦୦୬ (**http://rural.nic.in**)ରେ କୁହାଯାଇଛି ଯେ, ଯେ ପର୍ଯ୍ୟନ୍ତ ବିସ୍ଥାପିତ ପରିବାରମାନଙ୍କୁ ସଂପୂର୍ଣ୍ଣ କ୍ଷତିପୂରଣ ନଦିଆଯାଇଛି ଏବଂ ଯେପର୍ଯ୍ୟନ୍ତ ସେମାନଙ୍କୁ ଉପଯୁକ୍ତ ଢଙ୍ଗରେ ଥଇଥାନ ନକରାଯାଇଛି, ସେପର୍ଯ୍ୟନ୍ତ ସେମାନଙ୍କୁ ନିଜ ଜାଗାରୁ ବହିଷ୍କାର କରାଯାଇ ପାରିବନି [ଦ୍ରଷ୍ଟବ୍ୟ- ଧାରା ୬(୨୨)] । ଏହି ଲେଖକ ମତରେ ଭାରତଭଳି ଏକ ପ୍ରଜାତାନ୍ତ୍ରିକ ରାଷ୍ଟ୍ରରେ ଓଡିଶା ସମେତ ସମସ୍ତ ପ୍ରଦେଶର ପୁନର୍ବାସ ନୀତିରେ ଏହାହିଁ ଲକ୍ଷ୍ମଣ ଗାର ରୂପେ ସ୍ଥାନିତ ହେବା ବିଧେୟ ।

**ଯିଏ ଚୋର, ସେଇ ପୁଲିସ୍, ସେଇ ପୁଣି ଜଜ୍**

ଆଗରୁ ଆଲୋଚନା କରାଯାଇଛି, ଧାରା ୬ ବଳରେ କିପରି ଜମିଅଧିଗ୍ରହଣ କରୁଥିବା ରାଜସ୍ୱ ବିଭାଗ ସମସ୍ତ ବ୍ୟାପାରକୁ ନିଜ ହାତମୁଠାରେ ଠୁଳ କରିଛି । ବର୍ତ୍ତମାନ ଆମେ ଯଦି ଏହି ନୀତିର ଶେଷ ୩ଟି ଧାରା (୨୦, ୨୧ ଓ ୨୨)କୁ ଅନୁଧ୍ୟାନ କରୁ, ତେବେ ଦେଖିବା ଯେ, ଏହି ରାଜସ୍ୱ ବିଭାଗ ହିଁ ଏକାଧାରରେ ନିଜକୁ ଆଇନ୍-ପ୍ରଣେତା, ପ୍ରଶାସକ ଓ ନ୍ୟାୟମୂର୍ତ୍ତୀର ଆସନରେ ଅବସ୍ଥାପିତ କରିଛି । ଏଠାରେ ସବୁଠୁଁ ଉଲ୍ଲେଖଯୋଗ୍ୟ ବ୍ୟବସ୍ଥାଟି ହେଲା, ଧାରା ୨୨(୧)- ଯେ କୌଣସି ବ୍ୟାପାରରେ ବିବାଦ ଉପୁଜିଲେ, ରାଜସ୍ୱ ବିଭାଗର ନିଷ୍ପତ୍ତି ହିଁ ସଂପୃକ୍ତ ସମସ୍ତ ପକ୍ଷମାନଙ୍କ ପାଇଁ ଚୂଡାନ୍ତ ଓ ବାଧ୍ୟତାମୂଳକ ବୋଲି ବିବେଚିତ ହେବ । ଏହି ନୀତିର ପ୍ରଣେତାମାନେ ଭୁଲି ଯାଇଛନ୍ତି ଯେ, ନୈସର୍ଗିକ ନ୍ୟାୟ ବୋଲି ଏକ ସୁପ୍ରାଚୀନ ବିଧାନ ପୃଥିବୀରେ ସର୍ବତ୍ର ଏବେବି ଅନୁପାଳିତ ହେଉଛି, ଏବଂ ଏହାର ବ୍ୟବସ୍ଥା ଅନୁଯାୟୀ, ଯାହା ବିରୁଦ୍ଧରେ ଅଭିଯୋଗ ଆସିବ, ସେ କିମ୍ବା ତା ପ୍ରତି ଅନୁଗତ ଥିବା ବ୍ୟକ୍ତି ତହିଁର ବିଚାରକ ହୋଇପାରିବ ନି । କିନ୍ତୁ ରାଜ୍ୟ ବିସ୍ଥାପନ ନୀତି ଅନୁଯାୟୀ, ରାଜସ୍ୱ ବିଭାଗ ଜମିଅଧିଗ୍ରହଣ କରିବେ (ଧାରା-୬), ଏହା ଦ୍ୱାରା ଗଠିତ ସ୍ୱତନ୍ତ୍ର ସଂସ୍ଥାଗୁଡିକ ମାଧ୍ୟମରେ ଅଭିଯୋଗ ଫଇସଲା କରିବେ (ଧାରା-୨୦), ସମଗ୍ର କାର୍ଯ୍ୟକାରିତା ପ୍ରକ୍ରିୟାକୁ ତଦାରଖ କରିବେ (ଧାରା-୨୧) ଏବଂ କାହାଠାରୁ କିଛି ଅଭିଯୋଗ ଆସିଲେ କିମ୍ବା କୌଣସି ବିବାଦ ଉପୁଜିଲେ, ତହିଁର ମୀମାଂସା ଏବଂ ଚୂଡାନ୍ତ ଫଇସଲା କରିବେ (ଧାରା୨୨-୧) । ଏବଂ ସର୍ବୋପରି ସେହି ରାଜସ୍ୱ ବିଭାଗ ହିଁ ନିଜ ସୁବିଧା ଅନୁଯାୟୀ ଏହି ନୀତିର ସଂଶୋଧନ କରିପାରିବେ (ଧାରା ୨୨-୨ ଓ ୩) । ସର୍ବୋପରି ସରକାରଙ୍କ କ୍ଷତିପୂରଣ ବ୍ୟବସ୍ଥାକୁ ଚାଲେଞ୍ଜ କରି ସଂପୃକ୍ତ ସିଭିଲ୍ କୋର୍ଟର ଦ୍ୱାରସ୍ଥ ହେବାପାଇଁ ଭୂ-ଅର୍ଜନ ଆଇନ୍ ଜଣେ ବିସ୍ଥାପିତ ନାଗରିକକୁ ଯେଉଁ କାନୁନୀ ଅଧିକାର ଦେଇଥିଲା, ଓଡିଶା ନୀତି ଉପରୋକ୍ତ ଧାରାଗୁଡିକ ବଳରେ ତାକୁ ଏକାଥରକେ କାଢିନେବାର ଅବାଂଛିତ ଔଦ୍ଧତ୍ୟ ପ୍ରକାଶ କରିଛି । ଗୋଟିଏ କଥାରେ, ବର୍ତ୍ତମାନ ଠାରୁ ଓଡିଶା ସରକାରଙ୍କ ନୀତି ହେଲା, 'ତୁ ଗୁହାରି କରିବୁ ଯାହାକୁ, ମୁଁ ଗେରସ୍ତ କରିଛି ତାହାକୁ' ।

**ବର୍ତ୍ତମାନ କ'ଣ କରିବାକୁ ହେବ ?**

ଏଠାରେ ରାଜ୍ୟ ବିସ୍ଥାପନ ନୀତି-୦୬ର ସୁଦୃଶ୍ୟ ଅସଂଗତି ଓ ଜନବିରୋଧି ବୈଶିଷ୍ଟ୍ୟଗୁଡିକ ଭିତରୁ ଅଳ୍ପ କେତୋଟିର ଦୃଷ୍ଟାନ୍ତ ଦିଆଗଲା, ଏବଂ ପାଠକେ ନିଜେ ଏହାକୁ ସାମଗ୍ରୀକ ଓ ସୂକ୍ଷ୍ମଭାବେ ଅଧ୍ୟୟନ କଲେ ଜାଣି ପାରିବେ ଯେ, ଏହା ଲୋକଙ୍କୁ ଭୁଟେବାରେ କିଭଳି ଇଷ୍ଟ ଇଣ୍ଡିଆ କମ୍ପାନୀକୁ ମଧ୍ୟ ପଛରେ ପକାଇ ଦେଇଛି । ଏହି ନୀତିର ବିଧିବ୍ୟବସ୍ଥା ସମ୍ବନ୍ଧରେ ଏହି ଲେଖକ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିସ୍ଥାପନ ସମସ୍ୟା ସମ୍ବନ୍ଧରେ ମୁଣ୍ଡ ଖେଳାଉଥିବା ସିଭିଲ୍ ସୋସାଇଟି ବ୍ୟକ୍ତିବିଶେଷ ଓ ସଂଗଠନମାନଙ୍କ ସହ ଆଲୋଚନା କରିଛି, ଯଥା, ଗତ ୧୪ ମେ'ରେ 'ଦି ହ୍ୟୁମାନିଟି'-ଆୟୋଜିତ ବାଣୀବିହାର ସେମିନାର୍‌ରେ, ୧ଜୁନରେ ଭୁବନେଶ୍ୱରର ହୋଟେଲ୍ ମୋରିଅନ୍‌ରେ ନିଶ୍ୱାସ-ଆୟୋଜିତ ସେମିନାରରେ, ୧୦-୧୨ ଜୁନ୍‌ରେ ସ୍ନେହାଭିଯାନ-ଆୟୋଜିତ ଏରସମା କର୍ମଶାଳାରେ, ୩-୪ ଜୁଲାଇରେ ଭବାନୀପାଟଣାରେ ସଚେତନ ନାଗରିକ ମଞ୍ଚ ଆୟୋଜିତ କର୍ମଶାଳାରେ, ୨୨ଜୁଲାଇରେ ଦେବଗଡ ବାସଚ୍ୟୁତ ସୁରକ୍ଷା ସମିତି ଦ୍ୱାରା ଆୟୋଜିତ ସେମିନାର୍‌ରେ, ୨୬-୨୮ ସେପ୍ଟେମ୍ବରରେ କେନ୍ଦୁଝରର ସୁରକ୍ଷା ପରିଷଦର ତାଲିମ୍ ଶିବିରରେ ତଥା ୧୧ ନଭେମ୍ବରରେ ଜନବିକାଶ କେନ୍ଦ୍ର ଆୟୋଜିତ କେନ୍ଦୁଝରର ଆଦିବାସୀ ମେଳାରେ । ଏହିସବୁ ଅବସରରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଆଗରେ ଏହି ଲେଖକ ନିଜର ମତ ଉପସ୍ଥାପନ କରିବାକୁ ସକ୍ଷମ ହୋଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ସର୍ବଶ୍ରୀ ପଞ୍ଚାନନ କାନୁନ୍‌ଗୋ (ପୂର୍ବତନ ମନ୍ତ୍ରୀ), ମୋହନ ଚରଣ ମାଝି (ବିଧାୟକ), ଡକ୍ଟର ରାଧାକାନ୍ତ ନାୟକ (ସାଂସଦ), ଅଧ୍ୟାପକ ସୂର୍ଯ୍ୟନାରାୟଣ ମିଶ୍ର, ସନ୍ତୋଷ ମହାପାତ୍ର (ଆଇ.ଏ.ଏସ୍), ଓ ମୋହନ ଜେନା (ସାଂସଦ) । କିନ୍ତୁ ରାଜ୍ୟ ନୀତିର ମୌଳିକ ତ୍ରୁଟି ଉପରେ ଏହି ଲେଖକ ଦର୍ଶେଇଥିବା ବକ୍ତବ୍ୟ ଉପରେ କାହାଠାରୁ ଖଣ୍ଡନୋକ୍ତି ମିଳିନାହିଁ । ସୁତରାଂ ଏହି ଲେଖକର ପୁରା ବିଶ୍ୱାସ, ଓଡିଶା ରାଜ୍ୟ ବିସ୍ଥାପନ ନୀତିକୁ ଯିଏ ତାରିଫ୍ କରୁଥିବେ, ସେ ହୁଏତ୍ ଏହାର ମୂଳ ଦଲିଲ୍‌କୁ ପଢିନାହାନ୍ତି, ନଚେତ୍ ଏହାର ପ୍ରଣେତାଙ୍କ ଭଳି ସେମାନଙ୍କର କିଛି ନ୍ୟସ୍ତସ୍ୱାର୍ଥ ଜଡିତ ଅଛି । ପରିଶେଷରେ ଏହି ଲେଖକର ପରାମର୍ଶ ହେଲା, ଯଦି ଆମେ ଭବିଷ୍ୟତରେ କଳିଙ୍ଗ ନଗର ଭଳି ବିଭୀଷିକାକୁ ଏଡାଇବାକୁ ଚାହୁଁ ଏବଂ ବିସ୍ଥାପିତଙ୍କ ଉପଯୁକ୍ତ ଥଇଥାନ ଓ ଭାଗିଦାରିତାକୁ ପାଥେୟ କରି ବହିର୍ପୁଞ୍ଜି ସହାୟତାରେ ରାଜ୍ୟର କ୍ଷିପ୍ର ଅଥଚ ସୁଷମ ଶିଳ୍ପାୟନ କରିବାକୁ ଚାହୁଁ, ତେବେ ବର୍ତ୍ତମାନର ଅସଂଗତି-ଦୁଷ୍ଟ ତଥା ଚରମ ଜନବିରୋଧି ଓଡିଶା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬କୁ ଶୀତଳ ଭଣ୍ଡାରରେ ରଖି ଆଗାମୀ ୩ମାସ ମଧ୍ୟରେ ଘୋଷିତ ହେବାକୁ ଥିବା ଜାତୀୟ ନୀତିକୁ ଅପେକ୍ଷା କରାଯାଉ ।

Chitta Behera, 4A Jubilee Tower, Choudhury Bazar, Cuttack-9, PH: 9861091455 and 9437577546, dt 8 Feb. 2007